# NATIONAL NEWS BULLETIN (ODIA)

## 24 June 2026

## Midday Bulletin : 1.50 P.M.

**********************************

## ମୁଖ୍ୟ ସମ୍ବାଦ

- ମିଳିତ ଜାତିସଂଘ ଅଧିବେଶନରେ କାଶ୍ମୀର ପ୍ରସଙ୍ଗ ଉତ୍ଥାପନ ନେଇ ପାକିସ୍ତାନକୁ ଦୃଢ଼ ବିରୋଧ କରିଛି ଭାରତ

- ସାଂପ୍ରତିକ ବୈଶ୍ୱିକ ପରିସ୍ଥିତିରେ ଭାରତ-ଦକ୍ଷିଣ କୋରିଆ ଦ୍ୱିପାକ୍ଷିକ ସଂପର୍କକୁ ଅଧିକ ସୁଦୃଢ଼ କରିବା ନେଇ  ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ଗୁରୁତ୍ୱ

- ଭବିଷ୍ୟତ ଅଭିବୃଦ୍ଧି ପାଇଁ ଡିଜିଟାଲାଇଜେସନକୁ ଆଧାର ଭାବେ ଗ୍ରହଣ କରିବାକୁ ଇସ୍ପାତ ଶିଳ୍ପକ୍ଷେତ୍ରକୁ ପରାମର୍ଶ ଦେଲେ ଭାରୀଶିଳ୍ପ ମନ୍ତ୍ରୀ

- ଇରାନ ବିରୁଦ୍ଧରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ସାମରିକ ଅଭିଯାନକୁ ପ୍ରତିହତ କରିବା ସଂକ୍ରାନ୍ତ ବିଲ୍  ଆମେରିକା କଂଗ୍ରେସରେ ପାରିତ

ଏବଂ

- ଫିଫା ବିଶ୍ୱକପ୍ ଫୁଟ୍‌ବଲ ପ୍ରତିଯୋଗିତାର ଗ୍ରୁପ୍-୩୨ ପର୍ଯ୍ୟାୟକୁ ଉନ୍ନୀତ ହେଲା କଲମ୍ବିଆ

## ଇଣ୍ଡିଆ-ୟୁଏନ୍-ପାକ୍

ମିଳିତ ଜାତିସଂଘ ଅଧିବେଶନରେ କାଶ୍ମୀର ପ୍ରସଙ୍ଗ ଉତ୍ଥାପନ କରିବା ନେଇ ପାକିସ୍ତାନକୁ ଭାରତ ଦୃଢ଼ ବିରୋଧ କରିଛି । ଅଧିବେଶନର ସହ-ଅଧ୍ୟକ୍ଷ ଭାବେ ପାକିସ୍ତାନ ନିଜ ପଦବୀର ଅପବ୍ୟବହାର କରିଥିବା ନେଇ ଭାରତ ନିନ୍ଦା କରିଛି । ଇସଲାମାବାଦ ଏହି ଅଧିବେଶନକୁ ରାଜନୀତିକରଣ କରୁଛି ବୋଲି ଭାରତ ଅଭିଯୋଗ କରିବା ସହ ସହ-ଅଧକ୍ଷ ଭାବେ ନିରପେକ୍ଷ ରହିବାକୁ କହିଛି । ନିଉୟର୍କରେ ଜାତିସଂଘରେ ପାକିସ୍ତାନର ସ୍ଥାୟୀ ପ୍ରତିନିଧି ଅସୀମ ଇଫତିଖାର ଅହମ୍ମଦଙ୍କ କାଶ୍ମୀର ସଂପର୍କ ପ୍ରସଙ୍ଗ ଜବାବରେ ଭାରତର ସ୍ଥାୟୀ ପ୍ରତିନିଧି ପି. ହରିଶ୍ ଏହି ଜବାବ ଦେଇଛନ୍ତି । ଜାମ୍ମୁ କାଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଶ୍ରୀ ହରିଶ୍ ଉଲ୍ଲେଖ କରିବା ସହ ଏହି କେନ୍ଦ୍ରଶାସିତ ଅଞ୍ଚଳର ପରିସ୍ଥିତି ଭାରତର ସଂପୂର୍ଣ୍ଣ ଆଭ୍ୟନ୍ତରୀଣ ବିଷୟ ବୋଲି ସ୍ପଷ୍ଟ କରିଛନ୍ତି ।

## ଜୟଶଙ୍କର-ସାଉଥ କୋରିଆ

ସାଂପ୍ରତିକ ବୈଶ୍ୱିକ ପରିବେଶ ମଧ୍ୟରେ ଭାରତ-ଦକ୍ଷିଣ କୋରିଆ ଦ୍ୱିପାକ୍ଷିକ ସଂପର୍କକୁ ଅଧିକ ସୁଦୃଢ଼ କରିବା ନେଇ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଗୁରୁତ୍ୱ ପ୍ରଦାନ କରିଛନ୍ତି । ସିଓଲ୍‌ଠାରେ ଦକ୍ଷିଣ କୋରିଆ ପ୍ରତିପକ୍ଷ ଚୋ ହ୍ୟୁନ୍‌ଙ୍କ ସହ ସାକ୍ଷାତ ଆଲୋଚନା କାଳରେ ଡକ୍ଟର ଜୟଶଙ୍କର ଏହା କହିଛନ୍ତି । ସମାନ ମୂଲ୍ୟବୋଧ ଏବଂ ପାରସ୍ପରିକ ବିଶ୍ୱାସ ଥିବା ରାଷ୍ଟ୍ରଗୁଡ଼ିକ ମିଳିତ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି । ସାଂପ୍ରତିକ ଆନ୍ତର୍ଜାତିକ ପରିସ୍ଥିତିରେ ବିଶ୍ୱସ୍ତ ଅଂଶୀଦାରଙ୍କ ମଧ୍ୟରେ ସହଯୋଗକୁ ଅଧିକ ଦୃଢ଼ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର

କହିଛନ୍ତି, ଉଭୟ ନେତା ରାଜନୈତିକ, ଜାହାଜ ନିର୍ମାଣ, ବାଣିଜ୍ୟ, ନିବେଶ, ପ୍ରତିରକ୍ଷା, ପ୍ରଯୁକ୍ତିବିଦ୍ୟା, ସ୍ୱଚ୍ଛ ଶକ୍ତି, ଐତିହ୍ୟ ଏବଂ ଲୋକସଂପର୍କ ଉପରେ ବିସ୍ତୃତ ଆଲୋଚନା କରିଛନ୍ତି ।

# ଚିନ୍ତନ ଶିବିର

ଦେଶର ଭବିଷ୍ୟତ ଅଭିବୃଦ୍ଧି ପାଇଁ ଡିଜିଟାଲାଇଜେସନକୁ ଏକ ଆଧାର ଭାବେ ଗ୍ରହଣ କରିବାକୁ ଭାରୀଶିଳ୍ପ ମନ୍ତ୍ରୀ ଏଚ୍.ଡି କୁମାରସ୍ୱାମୀ ଇସ୍ପାତ ଶିଳ୍ପକ୍ଷେତ୍ରକୁ ଅନୁରୋଧ କରିଛନ୍ତି । ନୂଆଦିଲ୍ଲୀରେ ଆଜି ଇସ୍ପାତକ୍ଷେତ୍ରରେ ଡିଜିଟାଲାଇଜେସନ ଶୀର୍ଷକ ଚିନ୍ତନ ଶିବିରକୁ ସମ୍ବୋଧନ କରି ଶ୍ରୀ କୁମାର ସ୍ୱାମୀ ଦେଶର ଦୃଢ଼ ଇସ୍ପାତ କ୍ଷେତ୍ର ଉପରେ ଆଲୋକପାତ କରିଛନ୍ତି । ୨୦୧୮ ମସିହାରୁ ଭାରତ ବିଶ୍ୱର ଦ୍ୱିତୀୟ ସର୍ବବୃହତ ଇସ୍ପାତ ଉତ୍ପାଦନକାରୀ ଭାବେ ନିଜର ସ୍ଥିତିକୁ ବଜାୟ ରଖିପାରିଛି ବୋଲି ସେ କହିଛନ୍ତି । ୨୦୨୧-୨୨ ଆର୍ଥିକବର୍ଷ ପରଠାରୁ ଶୋଧନ ହୋଇନଥିବା ଇସ୍ପାତ ଉତ୍ପାଦନ ବାର୍ଷିକ ପ୍ରାୟ ୮ ପ୍ରତିଶତ ବୃଦ୍ଧି ପାଇଛି । ଘରୋଇ ଚାହିଦା ବୃଦ୍ଧି ଯୋଗୁଁ ଇସ୍ପାତ ବ୍ୟବହାର ଇତିମଧ୍ୟରେ ପ୍ରାୟ ୧୩ ପ୍ରତିଶତ ବୃଦ୍ଧି ପାଇଛି ବୋଲି ମନ୍ତ୍ରୀ ଶ୍ରୀ କୁମାରସ୍ୱାମୀ କହିଛନ୍ତି । ଇସ୍ପାତ କ୍ଷେତ୍ରର ପ୍ରମୁଖ ଅଂଶୀଦାରଙ୍କୁ ଏକତ୍ର କରି ଡିଜିଟାଲାଇଜେସନ ଏବଂ ଶିଳ୍ପ ଭବିଷ୍ୟତ ପାଇଁ ଏକ ରୂପରେଖ ପ୍ରସ୍ତୁତି ନେଇ ଏହି ଶିବିରର ଆୟୋଜନ କରାଯାଇଛି ।

# ପାସ୍‌ପୋର୍ଟ ଦିବସ

ଆଜି ପାସ୍‌ପୋର୍ଟ ସେବା ଦିବସ । ଏହି ଦିବସଟି ୧୯୬୭ ମସିହା ଜୁନ୍ ୨୪ ତାରିଖରେ ପାସ୍‌ପୋର୍ଟ ଆଇନ ପ୍ରଣୟନକୁ ସ୍ମରଣ କରିବା ପାଇଁ

ପାଳନ କରାଯାଉଛି । ଏହି ଅବସରରେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର କହିଛନ୍ତି ଯେ ପାସ୍‌ପୋର୍ଟ ସେବା କାର୍ଯ୍ୟକ୍ରମ ୨.୦ର ପ୍ରଚଳନ, ଚିପ୍ ସକ୍ଷମ, ଇ-ପାସ୍‌ପୋର୍ଟ ପ୍ରଚଳନ, ନୂତନ ପାସ୍‌ପୋର୍ଟ ସେବା କେନ୍ଦ୍ର ଏବଂ ପୋଷ୍ଟଅଫିସ୍ ପାସ୍‌ପୋର୍ଟ ସେବାକେନ୍ଦ୍ର ଖୋଲିବା ଏବଂ ପାସ୍‌ପୋର୍ଟ ଜାରି କରିବାର ରେକର୍ଡ ସ୍ତର ଯାତ୍ରାର ସହଜତାକୁ ବୃଦ୍ଧି କରୁଛି ।

ବିଶ୍ୱସ୍ତରୀୟ ସୁଯୋଗର ଉପଲବ୍ଧତାକୁ ବିସ୍ତାର କରୁଛି ଏବଂ ନାଗରିକମାନଙ୍କୁ ସଶକ୍ତ କରୁଛି । ଏକ ସାମାଜିକ ଗଣମାଧ୍ୟମ ଜରିଆରେ ପୋଷ୍ଟକରି ମନ୍ତ୍ରୀ ଶ୍ରୀ ଜୟଶଙ୍କର ୧୪ତମ ପାସ୍‌ପୋର୍ଟ ସେବା ଦିବସ ଅବସରରେ ଭାରତ ଏବଂ ବିଦେଶର ସମସ୍ତ ପାସପୋର୍ଟ କର୍ତ୍ତୃପକ୍ଷଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଡକ୍ଟର ଜୟଶଙ୍କର ମଧ୍ୟ "ସୁରକ୍ଷିତ ପାସ୍‌ପୋର୍ଟ, ସୁଗମ ସେବା, ସଶକ୍ତ ନାଗରିକ" ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ ପାସପୋର୍ଟ ସେବା ପ୍ରଦାନକୁ ଦ୍ରୁତ, ଅଧିକ ସ୍ୱଚ୍ଛ ଏବଂ ସୁଲଭ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି ।

କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି ଯେ ପୋଷ୍ଟ ଅଫିସ୍ ପାସ୍‌ପୋର୍ଟ ସେବା କେନ୍ଦ୍ର ମାଧ୍ୟମରେ ଦେଶର ଦୁର୍ଗମ ଅଞ୍ଚଳଗୁଡ଼ିକରେ ମଧ୍ୟ ପାସ୍‌ପୋର୍ଟ ସେବା ପହଞ୍ଚିପାରୁଛି । ମନ୍ତ୍ରୀ କହିଛନ୍ତି ଯେ ଇ-ପାସ୍‌ପୋର୍ଟ ଏବଂ ପାସ୍‌ପୋର୍ଟ ସେବା କାର୍ଯ୍ୟକ୍ରମ ୨.୦ ଭଳି ପଦକ୍ଷେପଗୁଡ଼ିକ ଭାରତର ଆଧୁନିକ, ଡିଜିଟାଲ ଏବଂ ସଶକ୍ତ ପ୍ରଶାସନିକ ବ୍ୟବସ୍ଥାର ଏକ ବଳିଷ୍ଠ ପ୍ରମାଣ । ସେ ଆହୁରି ମଧ୍ୟ କହିଛନ୍ତି ଯେ,

ନାଗରିକମାନଙ୍କୁ ସରଳ ଏବଂ ଉନ୍ନତମାନର ପାସପୋର୍ଟ ସେବା ପ୍ରଦାନ କରିବା ପାଇଁ ଏହି ଅଭିଯାନ ଅବିରତ ଜାରି ରହିବ ।

# ୟୁଏସ୍ ସିନେଟ୍ ବିଲ୍-ଟ୍ରମ୍ପ

ଇରାନ ବିରୁଦ୍ଧରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସାମରିକ ଅଭିଯାନକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ଆମେରିକା କଂଗ୍ରେସ ଏକ ବିଲ୍ ପାସ୍ କରିଛି । ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବରୁ କଂଗ୍ରେସର ମଂଜୁରୀ ପାଇଁ ଏହି ବିଲ୍‌ରେ ପ୍ରସ୍ତରବ ରହିଛି । ଆମେରିକା ସିନେଟରେ ୫୦ରୁ ୪୮ଟି ଭୋଟ୍‌ରେ ଏହି ବିଲ୍‌ଟି ପାରିତ ହୋଇଛି । ପ୍ରଥମଥର ପାଇଁ ଯୁଦ୍ଧ କ୍ଷମତା ପ୍ରସ୍ତାବ ଆଧାରିତ କଂଗ୍ରେସର ଉଭୟ ସଦନରେ ଏହି ବିଲ୍‌ଟି ସଫଳତାର ସହ ପାରିତ ହୋଇଛି । ତେବେ ପଶ୍ଚିମ ଏସିଆରେ କେତେକ ସର୍ତ୍ତ ଆଧାରରେ ସାମରିକ ପଦକ୍ଷେପକୁ ଏହି ବିଲ୍ ଅନୁମତି ପ୍ରଦାନ କରିଛି । ଆମେରିକା ଏବଂ ଏହାର ସହଯୋଗୀ ଦେଶଗୁଡ଼ିକ ବିରୁଦ୍ଧରେ କୌଣସି ପ୍ରକାର ସମ୍ଭାବ୍ୟ ଆକ୍ରମଣ ପରିପ୍ରେକ୍ଷୀରେ ସାମରିକ ଅଭିଯାନ ଏଥିରେ ଅନ୍ତର୍ଭୁକ୍ତ ।

ଅନ୍ୟପକ୍ଷରେ ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି, ତେହେରାନର ସାମରିକ ଦକ୍ଷତା ଦୁର୍ବଳ ହୋଇଛି । ଇରାନର ଅର୍ଥନୀତି ଏବଂ ପ୍ରତିରକ୍ଷା କ୍ଷେତ୍ର ସଂଘର୍ଷ ଯୋଗୁଁ ଗୁରୁତର ପ୍ରଭାବିତ ହୋଇଛି ବୋଲି ଶ୍ରୀ ଟ୍ରମ୍ପ କହିଛନ୍ତି । ପେନ୍‌ସିଲ୍‌ଭାନିଆର ମାକୁଙ୍ଗିଠାରେ ଏକ ସମାବେଶକୁ ସମ୍ବୋଧନ କରିବା ଅବସରରେ ଶ୍ରୀ ଟ୍ରମ୍ପ କହିଛନ୍ତି, ବିଶ୍ୱର ସବୁଠାରୁ ରଣନୈତିକ ଗୁରୁତ୍ୱପୂର୍ଣ୍ଣ ଜଳପଥକୁ ସାର୍ବଜନୀନ କରିବାରେ ଦ୍ୱିପାକ୍ଷିକ ଚୁକ୍ତି ସହଯୋଗ ପ୍ରଦାନ କରିବ ।

# ମେଟ୍ରୋ ସେଣ୍ଟ୍ରାଲ୍ ଭିସ୍ତା

ନୂଆଦିଲ୍ଲୀର ସେଣ୍ଟ୍ରାଲ ଭିସ୍ତା କରିଡର ପାଇଁ ସେଣ୍ଟ୍ରାଲ୍ ସେକ୍ରେଟେରିଏଟ୍ ମେଟ୍ରୋ ଷ୍ଟେସନ୍‌ରେ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହୋଇଛି । ଗୃହନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହରଲାଲ ଏହାର ଶୁଭାରମ୍ଭ କରିବା ଅବସରରେ କହିଛନ୍ତି, ଏହି ପ୍ରକଳ୍ପ ପରିବହନ ବ୍ୟବସ୍ଥାକୁ ଅଧିକ ସହଜ ତଥା ସୁବ୍ୟବସ୍ଥିତ କରିବ । ଆର୍‌କେ ଆଶ୍ରମ ମାର୍ଗରୁ ଇନ୍ଦ୍ରପ୍ରସ୍ଥ ପର୍ଯ୍ୟନ୍ତ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ ବୋଲି ସେ କହିଛନ୍ତି । ପ୍ରକଳ୍ପ ନିର୍ମାଣ ଶେଷ ହେବା ପରେ ଜନକପୁରୀ ପଶ୍ଚିମରୁ ଇନ୍ଦ୍ରଲୋକ ପର୍ଯ୍ୟନ୍ତ ଯୋଗାଯୋଗ ସୁଗମ ହୋଇ ପାରିବ ବୋଲି ମନ୍ତ୍ରୀ କହିଛନ୍ତି ।

# ୟୁଥ୍ ପାର୍ଲାମେଣ୍ଟାରୀ ପ୍ରାଇଜ୍

କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକୁ ନେଇ ଆୟାଜିତ ୩୬ତମ ଜାତୀୟ ଯୁବ ସଂସଦ ପ୍ରତିଯୋଗିତା ୨୦୨୫-୨୬ର ପୁରସ୍କାର ବଣ୍ଟନ ସମାରୋହ ଆସନ୍ତାକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ । ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନରାମ ମେଘୱାଲ  ଏଥିରେ ଯୋଗଦେଇ ଛାତ୍ରଛାତ୍ରୀ ଓ ବିଦ୍ୟାଳୟଗୁଡ଼ିକୁ ପୁରସ୍କାର ବଣ୍ଟନ କରିବେ । ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏଭଳି ପ୍ରତିଯୋଗିତା ଆୟୋଜିତ ହୋଇଆସୁଛି। କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ଦେଶବ୍ୟାପୀ ୨୫ଟି ସ୍ଥାନରେ ୨୦୦ଟି ବିଦ୍ୟାଳୟ ମଧ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଯୁବବର୍ଗଙ୍କ ମଧ୍ୟରେ ଆତ୍ମଶୃଙ୍ଖଳାର ଚିନ୍ତାଧାରା, ସହନଶୀଳତା, ଗଣତାନ୍ତ୍ରିକ ବ୍ୟବସ୍ଥା, ଦୃଷ୍ଟିକୋଣ ଆଧାରିତ ଧାର୍ମିକ ଚିନ୍ତାଧାରାକୁ ପ୍ରୋତ୍ସାହନ ପ୍ରଦାନ କରିବା ଏହି ଯୋଜନାର ଅନ୍ୟତମ ଉଦ୍ଦେଶ୍ୟ ବୋଲି ମନ୍ତ୍ରଣାଳୟ କହିଛି ।

# ନୀତି ଆୟୋଗ

ଦେଶବ୍ୟାପୀ ୬ଟି ଯୁବ ନେତୃତ୍ୱାଧୀନ ଷ୍ଟାର୍ଟଅପ୍ ଯୁବ କୋର୍-ଲ୍ୟାବ୍ ନ୍ୟାଶନାଲ୍ ଇନୋଭେସନ୍ ଚ୍ୟାଲେଞ୍ଜ-୨୦୨୬ର ଅଷ୍ଟମ ସଂସ୍କରଣରେ ବିଜୟୀ ହୋଇଛନ୍ତି। ଏହି ପ୍ରୟାସ ମିଳିତ ଭାବରେ ୟୁନାଇଟେଡ୍ ନେସନ୍ସ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ-ୟୁଏନ୍‌ଡିପି ଇଣ୍ଡିଆ ଏବଂ ସିଟି ଫାଉଣ୍ଡେସନ ଦ୍ୱାରା ଅଟଳ ଇନୋଭେସନ ମିଶନ-ଏଆଇଏମ୍, ନୀତି ଆୟୋଗ ସହିତ ସହଭାଗିତାରେ ପରିଚାଳିତ ହେଉଛି ଏବଂ ଟି-ହବ୍ ଫାଉଣ୍ଡେସନ ଦ୍ୱାରା କାର୍ଯ୍ୟକାରୀ ହେଉଛି। ଏହା ଯୁବ ନେତୃତ୍ୱାଧୀନ ନବସୃଜନକୁ ପ୍ରୋତ୍ସାହିତ କରିବା ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ ଦିଗରେ ପ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ଏକ ପ୍ରମୁଖ ପ୍ଲାଟଫର୍ମ ଭାବରେ ଉଭା ହୋଇଛି । ନୀତି ଆୟୋଗ ସୂଚନା ଦେଇଛି ଯେ, ଚଳିତବର୍ଷର ଚ୍ୟାଲେଞ୍ଜରେ ୨୮ଟି ରାଜ୍ୟର ଷ୍ଟାର୍ଟଅପ୍‌ରୁ ୩୫୦ରୁ ଅଧିକ ଆବେଦନ ମିଳିଛି । ଏକ ଚୟନ ପ୍ରକ୍ରିୟା ପରେ ୧୬ ଶିଳ୍ପ ପରାମର୍ଶଦାତା ଏବଂ ଡୋମେନ୍ ବିଶେଷଜ୍ଞଙ୍କ ଦ୍ୱାରା ସମର୍ଥିତ ୩ ମାସର ଭର୍ଚୁଆଲ କ୍ଷମତା - ନିର୍ମାଣ ପଦକ୍ଷେପ, ନ୍ୟାଶନାଲ୍ ସ୍ପ୍ରିଙ୍ଗବୋର୍ଡ ପ୍ରୋଗ୍ରାମ ପାଇଁ ୫୦ଟି ଉଚ୍ଚ-ସମ୍ଭାବ୍ୟ ଷ୍ଟାର୍ଟଅପ୍ ସଂକ୍ଷିପ୍ତ ତାଲିକାଭୁକ୍ତ କରାଯାଇଥିଲା ।

ଚୂଡ଼ାନ୍ତ ମୂଲ୍ୟାଙ୍କନ ପରେ ୬ଟି ଷ୍ଟାର୍ଟଅପ୍‌କୁ ସେମାନଙ୍କର ସ୍କେଲେବଲ୍ ଏବଂ ଉଚ୍ଚ-ପ୍ରଭାବ ସମାଧାନ ପାଇଁ ଚୟନ କରାଯାଇଥିଲା । ବିଜେତା ଷ୍ଟାର୍ଟଅପ୍ ପ୍ରତ୍ୟେକଙ୍କୁ ୩ ଲକ୍ଷ ୫୦ ହଜାର ଟଙ୍କା ଲେଖାଏଁ ଅନୁଦାନ ମିଳିଛି ଏବଂ ଉପବିଜେତାଙ୍କୁ ୨ ଲକ୍ଷ ୨୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ଦିଆଯାଇଛି ।

# ଫିଫା ବିଶ୍ୱକପ୍

ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାରେ ଗ୍ରୁପ୍-୩୨ ପର୍ଯ୍ୟାୟକୁ କଲମ୍ବିଆ ଉନ୍ନୀତ ହୋଇଛି । ଆଜି ଖେଳାଯାଇଥିବା ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ କଙ୍ଗୋକୁ ୧-୦ ଗୋଲ୍‌ରେ କଲମ୍ବିଆ ପରାସ୍ତ କରିଛି । ଆଜି ଖେଳାଯାଇଥିବା ଅନ୍ୟ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ଗୁଡ଼ିକରେ ପର୍ତ୍ତୁଗାଲ୍’ ଉଜ୍‌ବେକିସ୍ତାନକୁ ୫-୦ ଗୋଲ୍‌ରେ ପରାସ୍ତ କରିଛି । ଇଂଲଣ୍ଡ ଏବଂ ଘାନା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଥିବା ବେଳେ କ୍ରୋଏସିଆ’ ପାନାମାକୁ ୧-୦ଗୋଲ୍‌ରେ ପରାସ୍ତ କରିଛି ।

# ହକି ଇଣ୍ଡିଆ

ଇଂଲଣ୍ଡ ଗସ୍ତ ପାଇଁ ହକି ଇଣ୍ଡିଆ ୨୪ ଜଣିଆ ଜୁନିଅର ମହିଳା ଦଳ ଘୋଷଣା କରିଛି । ନୂତନ ପ୍ରଶିକ୍ଷକ  ଟିମ୍ ହ୍ୱାଇଟ୍‌ଙ୍କ ଅଧୀନରେ ଏହି ଦଳ ମନୋନୀତ ହୋଇଛି । ଗସ୍ତ ଅବସରରେ ସ୍କଟଲ୍ୟାଣ୍ଡ ଏବଂ ଇଂଲଣ୍ଡରେ ଭାରତୀୟ ଦଳ ୭ଟି ମ୍ୟାଚ୍ ଖେଳିବ । ଆସନ୍ତାମାସ ୫ରୁ ୧୪ ତାରିଖ ପର୍ଯ୍ୟନ୍ତ ଏହି ମ୍ୟାଚ୍ ଗୁଡ଼ିକ ଅନୁଷ୍ଠିତ ହେବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି ।